ଓଡ଼ିଶା ଡ଼ଟ୍ କମ୍
odisha.com
World's first and only 24 x 7 Oriya news portal

| ଓଡ଼ିଶା ଖବର | ସାକ୍ଷାତକାର | ବିଶେଷ ଖବର | ଓଡ଼ିଶାର ବନ୍ଧୁ | ଚିଠି ପତ୍ର |
|---|---|---|---|---|
| ପ୍ରଚ୍ଛଦ | ପ୍ରବାସୀ ଓଡ଼ିଆ | ଆମେ କିଏ | ପୁରୁଣା ପୃଷ୍ଠା | ଯୋଗାଯୋଗ |

ଡ଼ିସେମ୍ବର ୨,୨୦୦୫ ଶୁକ୍ରବାର

Google Search





## ବିଜ୍ଞାନ ସଂସ୍ଥା ସ୍ଥାନାନ୍ତର ପ୍ରସଙ୍ଗକୁ ଉଠାଇବ ଏନ୍‌ଡ଼ିଏ

ଓଡ଼ିଶା ଡ଼ଟ୍ କମ୍ ସମ୍ବାଦଦାତା

ନୂଆଦିଲ୍ଲୀ,ଡ଼ିସେମ୍ବର ୨(ଓଡ଼ିଶା ଡ଼ଟ୍ କମ୍)ପୂର୍ବ ଏନ୍‌ଡ଼ିଏ ସରକାର ଓଡ଼ିଶାରେ ବିଜ୍ଞାନ ସଂସ୍ଥା ସ୍ଥାପନର ଘୋଷଣା କରିଥିବା ବେଳେ ଏବେ କେନ୍ଦ୍ରର ଉପା ସରକାର ତାକୁ ବାତିଲ କରୁଥିବାରୁ ଏହାର ଦୃଢ ବିରୋଧ କରାଯିବ ବୋଲି ଏନ୍‌ଡ଼ିଏର ଜଣେ ବରିଷ୍ଠ ନେତା କହିଛନ୍ତି ।

ଲୋକସଭାରେ ବିଜେପିର ସଂସଦୀୟ ଦଳର ଉପନେତା ବିଜୟ କୁମାର ମାଲହେତ୍ରା କହିଛନ୍ତି ଯେ ଉପା ସରକାର ଏନ୍‌ଡ଼ିଏ ଶାସିତ ରାଜ୍ୟ ମାନଙ୍କ ପ୍ରତି ବୈମାତୃକ ଭାବ ପୋଷଣ କରୁଛନ୍ତି ।


ଏହାସହ ପଢନ୍ତୁ
ବିଜ୍ଞାନ ସଂସ୍ଥା ସ୍ଥାପନ ଦାବିରେ ଲୋକସଭାରେ ସାଂସଦଙ୍କ ହଟ୍ଟଗୋଳ
ଓଡ଼ିଶାରେ ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ଆନ୍ଦୋଳନ ତେଜିଲା
ବିଜ୍ଞାନ ସଂସ୍ଥା ସ୍ଥାପନ ଦାବିରେ ଜୁଏଲଙ୍କ ନେତୃତ୍ୱରେ ବିଜେପିର ଗଣଧାରଣା
ବିଜ୍ଞାନ ସଂସ୍ଥା ସ୍ଥାନାନ୍ତର ଉପରେ ହାଇକୋର୍ଟଙ୍କ ରହିତାଦେଶ
ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ଦାବିରେ ଓଡ଼ିଶାରେ ଆନ୍ଦୋଳନ ପ୍ରସ୍ତୁତି
ବିଜ୍ଞାନ ସଂସ୍ଥା ସ୍ଥାନାନ୍ତର ନେଇ ସରକାରଙ୍କୁ ତଥ୍ୟ ମାଗିଲେ ହାଇକୋର୍ଟ
ବିଜ୍ଞାନ ସଂସ୍ଥା ସ୍ଥାନାନ୍ତର ପ୍ରସଙ୍ଗ ସଂସଦରେ ଉଠାଇବାକୁ ନେତାଙ୍କ ପ୍ରତିଶ୍ରୁତି
ଚାପ ପରେ ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ଦାବି ଦୋହରାଇଲେ ସରକାର
ବିଜ୍ଞାନ ସଂସ୍ଥା କଲିକତା ସ୍ଥାନାନ୍ତର ପ୍ରସ୍ତାବକୁ  ମୁଖ୍ୟମନ୍ତ୍ରୀଙ୍କ ବିରୋଧ
ପ୍ରସ୍ତାବିତ ବିଜ୍ଞାନ ସଂସ୍ଥା ସ୍ଥାନାନ୍ତରକୁ ବିରୋଧ କରି ଶତାଧିକ ଗିରଫ


ଉପା ସରକାର ଯଦି ଚାହାନ୍ତି ତେବେ କଲିକତାରେ ଆଉ ଏକ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ କରିପାରନ୍ତି କିନ୍ତୁ ପ୍ରସ୍ତାବିତ ସଂସ୍ଥାକୁ ଭୁବନେଶ୍ୱରରୁ ସ୍ଥାନାନ୍ତର କରିବାର କୌଣସି ଯଥାର୍ଥତା ନାହିଁ । ସରକାର ଦୁଇ ରାଜ୍ୟ ମଧ୍ୟରେ ବିଦ୍ୱେଷ ଭାବ ସୃଷ୍ଟି କରୁଥିବା ସେ ଅଭିଯୋଗ କରିଛନ୍ତି ।

ଆଗାମୀ ସୋମବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏନ୍‌ଡିଏ ବୈଠକରେ ଏହା ଆଲୋଚନା ହେବ ଓ ଏହାକୁ ଲୋକସଭାରେ ସମ୍ମିଳିତ ବିରୋଧ କରିବା ପାଇଁ ଯୋଜନା ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି ।

ଓଡ଼ିଶା ଡଟ୍ କମ୍


ସପିଙ୍ଗ୍ ଜୋନ୍

**ପରିଧାନ**

ସଲ୍‌ୱାର କାମିଜ୍ - ଶାଢ଼ୀ - ସାରଙ୍ଗ - କୁର୍ତ୍ତା - ଚୋଲି - ଟପ୍ସ୍

**ଘରକରଣା ସାମଗ୍ରୀ**

ଇଲୋକଟ୍ରୋନିକ୍ସ - ଘରକରଣା ସାମଗ୍ରୀ - ରୋଷେଇ ସାମଗ୍ରୀ - ସୁନା ଗହଣା - ଚମଡା ସାମଗ୍ରୀ - ଘଣ୍ଟା

**ଅନ୍ୟାନ୍ୟ**

ଜ୍ୟୋତିଷୀ - ବହି ଏବଂ ସିଡ଼ି -ଭାରତ ଦର୍ଶନ - ବନ୍ଧୁ ଉପହାର ସାମଗ୍ରୀ - ଭାରତକୁ ରାକ୍ଷୀ - ଆମେରିକାକୁ ରାକ୍ଷୀ - ଆମେରିକାକୁ ମିଠା - ଅନ୍ୟାନ୍ୟ ପରିଧାନ - ବ୍ୟାଗ - ୱାଲ ହେଙ୍ଗିଙ୍ଗ୍ - ତାଜା ଫୁଲ - ତାଜା ଫଳ -କେକ୍

Contact address: info@odisha.com , odisha@rediffmail.com
Copy right 2004-2009 odisha.com, All rights reserved
Editor in Chief: JATINDRA DASH
ଓଡ଼ିଶା ଡ଼ଟ୍ କମ୍ର ଘୋଷଣାନାମା